# NATIONAL NEWS BULLETIN (ODIA)

## 23 December - 2025

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ପେସା ଆଇନ୍ କାର୍ଯ୍ୟକାରିତାର ବର୍ଷପୂର୍ତ୍ତି ପାଳନ ଅବସରରେ ବିଶାଖାପାଟଣା ଠାରେ ଆଜିଠାରୁ ଆରମ୍ଭ ହେଉଛି ଦୁଇ ଦିନିଆ ସମ୍ମିଳନୀ ।
- ଦେଶବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ ଲକ୍ଷ୍ୟ ନେଇ ସରକାର ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି, କହିଲେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ।
- ବୃହତ ବାଣିଜ୍ୟିକ ଯୋଗାଯୋଗ ଉପଗ୍ରହ ବ୍ଲୁବାର୍ଡ଼ ବ୍ଲକ୍-ଟୁର ଆସନ୍ତାକାଲି ହେବ ଉତ୍କ୍ଷେପଣ ।
- ଆସନ୍ତା ଫେବୃୟାରୀ ୧୨ ତାରିଖରେ ବାଂଲାଦେଶରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବା ନେଇ ଦୃଢ଼ୋକ୍ତି ପ୍ରକାଶ କଲେ ମଧ୍ୟବର୍ତ୍ତୀକାଳୀନ ସରକାର ।

ଏବଂ

- ବିଶାଖାପାଟଣା ଠାରେ ଆଜି ଖେଳାଯିବ ଭାରତ-ଶ୍ରୀଲଙ୍କା ଦ୍ୱିତୀୟ ମହିଳା ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ।

## ପେସା ଆଇନ୍

ବିଶାଖାପାଟଣାଠାରେ ଆଜିଠାରୁ ଦୁଇ ଦିନିଆ ପେସା ଆଇନ୍‌ର ବର୍ଷ ପୂର୍ତ୍ତି ପାଳନ ସମାରୋହ ଅନୁଷ୍ଠିତ ହେବାକୁ ଯାଉଛି । ଆଦିବାସୀ ସମ୍ପ୍ରଦାୟର ସମୃଦ୍ଧ ପରମ୍ପରା ପାଳନ, ସଂରକ୍ଷଣ ଏବଂ ପ୍ରୋତ୍ସାହନ ପ୍ରଦାନ କରିବା ଦିଗରେ ଏହି ସମାରୋହ ଏକ ଜାତୀୟ ସ୍ତରୀୟ ମଞ୍ଚ ପ୍ରଦାନ କରିବ । ୧୯୯୬ ମସିହାରେ ପଞ୍ଚାୟତ ଅନୁସୂଚୀତ ଅଞ୍ଚଳକୁ ସମ୍ପ୍ରସାରିତ ଆଇନ୍ ପେସା କାର୍ଯ୍ୟକାରୀ ହୋଇଥିଲା । ଅନୁସୂଚିତ ଅଞ୍ଚଳରେ ଜନଜାତି ସମ୍ପ୍ରଦାୟକୁ ସ୍ୱାୟତତା କ୍ଷମତା ପ୍ରଦାନ ଲକ୍ଷ୍ୟ ନେଇ ଏହି ଆଇନ୍‌କୁ କାର୍ଯ୍ୟକାରୀ କରାଯାଇଛି ।  ଜମି, ଜଳ, ଜଙ୍ଗଲ ସମ୍ପଦ, ସଂସ୍କୃତି ଓ ଶାସନ ପ୍ରଣାଳୀ ଉପରେ ଜନଜାତି ସମ୍ପ୍ରଦାୟର ଅଧିକାରକୁ ପୁନଃ ସ୍ଥାପନ ତଥା ସଶକ୍ତ କରିବା ଏହି ଆଇନ୍‌ର ଅନ୍ୟତମ ଉଦ୍ଦେଶ୍ୟ । ଜନଜାତି ଅନୁସୂଚୀତ ଅଞ୍ଚଳ ଥିବା ୧୦ଟି ରାଜ୍ୟ ମଧ୍ୟରୁ ୮ଟି ନିଜସ୍ୱ ପେସା ନିୟମ ପ୍ରଣୟନ କରିସାରିଥିବା ବେଳେ ଓଡ଼ିଶା ଓ ଝାଡ଼ଖଣ୍ଡ ଏହାର ଚିଠା ନିୟମ ପ୍ରସ୍ତୁତ କରିଛନ୍ତି ।

## ଗଭ୍– ହେଲ୍‌ଥ

ଦେଶବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଗତ ୧୧ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରୀୟା ପଟେଲ କହିଛନ୍ତି । ନୂଆଦିଲ୍ଲୀସ୍ଥିତ ବର୍ଦ୍ଧମାନ ମହାବୀର ମେଡିକାଲ କଲେଜ୍ ଏବଂ ସଫଦରଜଙ୍ଗ୍  ହସ୍ପିଟାଲର ସପ୍ତମ ସମାବର୍ତ୍ତନ

ସମାରୋହରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ପଟେଲ କହିଛନ୍ତି, ସ୍ୱାସ୍ଥ୍ୟସେବାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ସରକାର ନିରନ୍ତର ପ୍ରୟସା ଜାରି ରଖିଛନ୍ତି । ଗରିବ ଏବଂ ଆର୍ଥିକ ଅନଗ୍ରସର ବର୍ଗଙ୍କର ସ୍ୱାସ୍ଥ୍ୟ କ୍ଷେତ୍ରରେ ଆର୍ଥିକ ସୁରକ୍ଷା ଲାଗି ସରକାର ବିବିଧ ଯୋଜନା ପ୍ରଣୟନ କରିଛନ୍ତି ବୋଲି ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ କହିଛନ୍ତି। ବିଶ୍ୱର ସର୍ବବୃହତ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଆୟୁଷ୍ମାନ୍ ଭାରତ ପି.ଏମ୍.ଜେ.ଏ.ୱାଇ. ଅଧୀନରେ ୬୨ କୋଟିରୁ ଅଧିକ ଲୋକଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଉଛି । ପ୍ରଧାନମନ୍ତ୍ରୀ ଜନଔଷଧି ପରିଯୋଜନା ଏବଂ ଅମୃତ ଫାର୍ମାସୀ ଅଧୀନରେ ହିତାଧିକାରୀଙ୍କୁ ରିହାତି ଦରରେ ଔଷଧ, ଚିକିତ୍ସା ଉପକରଣ ଏବଂ ଶଲ୍ୟ ଚିକିତ୍ସା ପ୍ରତ୍ୟାରୋପଣ ଯୋଗାଇ ଦିଆଯାଉଛି ।

ଗତ ୨୦୧୪ ମସିହାରେ ଦେଶରେ ମେଡିକାଲ୍ କଲେଜ୍ ସଂଖ୍ୟା ୩୮୭ ଥିବା ବେଳେ ଏବେ ଏହା ୮୦୦ରୁ ଅଧିକ ହୋଇଛି । ଡାକ୍ତରୀ ସିଟ୍ ସଂଖ୍ୟା ୫୧ ହଜାରରୁ ବୃଦ୍ଧି ପାଇ ୧ ଲକ୍ଷ ୨୮ ହଜାର ଏବଂ ସ୍ନାତକୋତ୍ତର ସିଟ୍ ୩୧ ହଜାରରୁ ବୃଦ୍ଧି ପାଇ ୮୨ ହଜାରରେ ପହଞ୍ଚିଥିବା ମନ୍ତ୍ରୀ ଶ୍ରୀମତୀ ପଟେଲ କହିଛନ୍ତି । ସେ କହିଛନ୍ତି, ଲୋକଙ୍କୁ ବ୍ୟାପକ ପ୍ରାଥମିକ ଚିକିତ୍ସା ଯୋଗାଇଦେବା ଲକ୍ଷ୍ୟ ନେଇ ଦେଶ ବ୍ୟାପି ୧ ଲକ୍ଷ ୭୮ ହଜାରରୁ ଅଧିକ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର କାର୍ଯ୍ୟକ୍ଷମ ହୋଇଛି ।

# ଏମ୍‌ଇଏ-ଆଫ୍‌ଗାନ୍ ମିନିଷ୍ଟର ଭିଜିଟ୍

ଆଫ୍‌ଗାନିସ୍ତାନକୁ ଔଷଧ ଯୋଗାଣ, ମାନବିକ ସହାୟତା ଏବଂ ସ୍ୱାସ୍ଥ୍ୟସେବା ସହଯୋଗ ଜାରି ରଖିବାକୁ ଭାରତ ନିଜର ପ୍ରତିବଦ୍ଧତାକୁ ପୁନଃ ପ୍ରକାଶ କରିଛି । ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି, ଗତ ସପ୍ତାହରେ ଭାରତ ଗସ୍ତରେ ଆସିଥିବା ଆଫ୍‌ଗାନିସ୍ତାନ ଜନସ୍ୱାସ୍ଥ୍ୟ ମନ୍ତ୍ରୀ ମାଓ୍ୱଲାଓ୍ୱି  ନୁର୍ ଜଲାଲ୍ ଜଲାଲୀଙ୍କ ସହ ଏକ ଦ୍ୱିପାକ୍ଷିକ ବୈଠକ ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା ଏହା କହିଛନ୍ତି । କର୍କଟ ଔଷଧ ଏବଂ ଟିକାର ଏକ ପ୍ରତିକାତ୍ମକ ହସ୍ତାନ୍ତର ଏହି ଅବସରରେ କରାଯାଇଥିଲା ।

ଆଫ୍‌ଗାନ୍‌ବାସୀଙ୍କ ଚିକିତ୍ସା ଆବଶ୍ୟକତା ପ୍ରତି ଭାରତର ନିରନ୍ତର ସମର୍ଥନକୁ ଏହା ପ୍ରତିଫଳିତ କରୁଛି । ଆଫ୍‌ଗାନିସ୍ତାନର ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଭାରତ ଔଷଧ, ଟିକା ଏବଂ ୧୨୮ ସ୍ଲାଇସ୍ ସିଟି ସ୍କାନର୍ ପଠାଉଛି । ଗତ ୧୬ରୁ ୨୧ ତାରିଖ ପର୍ଯ୍ୟନ୍ତ ଆଫ୍‌ଗାନିସ୍ତାନ ଜନସ୍ୱାସ୍ଥ୍ୟ ମନ୍ତ୍ରୀ ଭାରତ ଗସ୍ତରେ ଆସିଥିଲେ ।

ନୂଆଦିଲ୍ଲୀରେ ଅନୁଷ୍ଠିତ ପାରମ୍ପରିକ ଔଷଧ ଉପରେ ଦ୍ୱିତୀୟ ଡବ୍ଲ୍ୟୁ.ଏଚ୍.ଓ. ବିଶ୍ୱ ଶିଖର ସମ୍ମିଳନୀରେ ସେ ଏହି ଅବସରରେ ଅଂଶଗ୍ରହଣ କରିଥିଲେ । ଶ୍ରୀ ଜଲାଲୀ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହଙ୍କ ସହ ମଧ୍ୟ ସାକ୍ଷାତ ଆଲୋଚନା କରିଛନ୍ତି । ସ୍ୱାସ୍ଥ୍ୟସେବା ସମ୍ବନ୍ଧୀୟ ବିକାଶ ପ୍ରକଳ୍ପ ଏବଂ ଏହି କ୍ଷେତ୍ରରେ ଏକ ମିଳିତ କାର୍ଯ୍ୟକାରୀ ଗୋଷ୍ଠୀ ଗଠନ ଆଫ୍‌ଗାନ ଡାକ୍ତରଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆଦି ପ୍ରସଙ୍ଗରେ ଉଭୟ

ନେତାଙ୍କ ମଧ୍ୟରେ ମତବିନିମୟ ହୋଇଛି । ଗସ୍ତ ଅବସରରେ ଶ୍ରୀ ଜଲାଲୀ ଆୟୁଷ ମନ୍ତ୍ରୀ ପ୍ରତାପ ରାଓ ଯାଦବଙ୍କ ସହ ମଧ୍ୟ ଶିକ୍ଷା ଗବେଷଣା ଓ ପାରମ୍ପରିକ ଔଷଧ ଜ୍ଞାନ ଆଦାନପ୍ରଦାନ କ୍ଷେତ୍ର ଉପରେ ଆଲୋଚନା କରିଥିବା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ।

## ଇସ୍ରୋ – ସାଟେଲାଇଟ୍ ଲଞ୍ଚ୍

ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ – ଇସ୍ରୋ ଆସନ୍ତାକାଲି ଏକ ଯୋଗାଯୋଗ ଉପଗ୍ରହ 'ବ୍ଲୁବାର୍ଡ଼ ବ୍ଲକ୍-ଟୁ'ର ଉଦ୍‌କ୍ଷେପଣ କରିବ । ଆମେରିକାର ଏ.ଏସ୍.ଟି. ସ୍ପେସ୍-ମୋବାଇଲ୍‌ର ଉପଗ୍ରହକୁ ପୃଥିବୀର ନିମ୍ନ କକ୍ଷପଥରେ LVM3-M6 ଦ୍ୱାରା ସ୍ଥାପିତ କରାଯିବ । ଏହା ସବୁଠାରୁ ବଡ଼ ବାଣିଜ୍ୟିକ ଯୋଗାଯୋଗ ଉପଗ୍ରହ ହେବ । ପରବର୍ତ୍ତୀ ପିଢ଼ିର ବ୍ଲୁବାର୍ଡ଼ ବ୍ଲକ୍-ଟୁ ଯୋଗାଯୋଗ ଉପଗ୍ରହର ଏକ ଅଂଶ, ଯାହାକି ମାନକ ମୋବାଇଲ୍ ସ୍ମାର୍ଟଫୋନ୍‌ଗୁଡ଼ିକୁ ସିଧାସଳଖ ମହାକାଶ ଆଧାରିତ ସେଲୁଲାର ବ୍ରଡ୍‌ବ୍ୟାଣ୍ଡ ସଂଯୋଗ ପ୍ରଦାନ କରିବାପାଇଁ ପ୍ରସ୍ତୁତ କରାଯାଇଛି । ଇସ୍ରୋ ଦ୍ୱାରା ବିକଶିତ ଲଞ୍ଚର୍ ମାର୍କ-ଥ୍ରୀ କିମ୍ବା LVM-3 ଏକ ତିନି ପର୍ଯ୍ୟାୟ ଲଞ୍ଚ୍ ଯାନ, ଯାହା ପୂର୍ବରୁ ଚନ୍ଦ୍ରଯାନ-୨ ଏବଂ ୩ ଓ ୭୨ଟି ଉପଗ୍ରହ ବହନ କରିଥିବା ୨ଟି ଓ୍ୱାନ୍‌ଓ୍ୱେବ୍ ମିଶନ ଉତ୍‌କ୍ଷେପଣ ପାଇଁ ବ୍ୟବହୃତ ହୋଇଥିଲା । ଏହା ଗତମାସରେ କରାଯାଇଥିବା M5-CMS-03 ମିଶନକୁ ମଧ୍ୟ ସଫଳତାର ସହ ଶେଷ କରିଛି ।

## ବାଂଲାଦେଶ ପୋଲ୍ସ

ବାଂଲାଦେଶରେ ଆସନ୍ତା ଫେବୃୟାରୀ ୧୨ ତାରିଖରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବା ନେଇ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ପ୍ରଫେସର ମହମ୍ମଦ ୟୁନୁସ୍ ପୁନଃ ପ୍ରକାଶ କରିଛନ୍ତି । ଏକ ମୁକ୍ତ, ନିରପେକ୍ଷ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାକୁ ସୁନିଶ୍ଚିତ କରିବାକୁ ତାଙ୍କ ସରକାର ପ୍ରତିବଦ୍ଧ ବୋଲି ସେ କହିଛନ୍ତି । ଦକ୍ଷିଣ ଏବଂ ମଧ୍ୟ ଏସିଆ ପାଇଁ ଆମେରିକାର ସ୍ୱତନ୍ତ୍ର ଦୂତ ସେର୍ଗିଓ ଗୋର୍ଙ୍କ ସହ ଗତ ସନ୍ଧ୍ୟାରେ ଟେଲିଫୋନ୍ ବାର୍ତ୍ତାଳାପ ସମୟରେ ପ୍ରଫେସର ୟୁନୁସ୍ ଏହା କହିଛନ୍ତି । ସେ କହିଛନ୍ତି, ଦେଶବାସୀ ସେମାନଙ୍କର ମତଦାନ ଅଧିକାରକୁ ସାବ୍ୟସ୍ତ କରିବା ଲାଗି ଉତ୍ସାହର ସହ ଅପେକ୍ଷା କରିଛନ୍ତି । ଉଭୟଙ୍କ ମଧ୍ୟରେ ପ୍ରାୟ ଅଧଘଣ୍ଟା ଧରି ଆଲୋଚନା ହୋଇଛି । ବାଂଲାଦେଶର ସାମଗ୍ରୀ ଉପରେ ପାରସ୍ପରିକ ଶୁଳ୍କକୁ ଆମେରିକା ୨୦ ପ୍ରତିଶତ ହ୍ରାସ କରିଛି ।

## ବାଂଲାଦେଶ-ଏଚ୍‌ସି

ନୂଆଦିଲ୍ଲୀ ସ୍ଥିତ ବାଂଲାଦେଶ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ଭିସା ପ୍ରଦାନ ତଥା ଅନ୍ୟାନ୍ୟ ଆନୁସଙ୍ଗୀକ ସେବାକୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖିଛି । ବାଂଲାଦେଶର ବୈଦେଶିକ ମନ୍ତ୍ରଣାଳୟ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କେତେକ ଅନିବାର୍ଯ୍ୟ କାରଣ ବଶତଃ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି, ଯାହାକି ପରବର୍ତ୍ତୀ ସୂଚନା ପ୍ରଦାନ ପର୍ଯ୍ୟନ୍ତ ବଳବତ୍ତର ରହିବ । ବାଂଲାଦେଶର ପ୍ରମୁଖ ଦୈନିକ ସମ୍ବାଦପତ୍ର 'ଦି ବିଜ୍‌ନେସ୍ ଷ୍ଟାଣ୍ଡାର୍ଡ' ରିପୋର୍ଟ୍‌ରୁ ଏହା ସ୍ପଷ୍ଟ ହୋଇଛି ।

# ଡବ୍ଲ୍ୟୁବି-ଏସ୍‌ଆଇଆର୍-ହିୟରିଂ

ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ ଶୁଣାଣି ଆସନ୍ତା ୨୭ ତାରିଖରେ ଆରମ୍ଭ ହେବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି । ଏହି ପର୍ଯ୍ୟାୟରେ ସାମିଲ ହୋଇପାରି ନ ଥିବା ଭୋଟରଙ୍କ ଉପରେ ଶୁଣାଣି କରାଯିବ । ସମଗ୍ର ରାଜ୍ୟରେ ୩୧ ଲକ୍ଷ ୬୮ ହଜାର ୪୨୪ ଭୋଟରଙ୍କୁ ତାଲିକାରେ ସାମିଲ ହୋଇନଥିବା ନେଇ ଚିହ୍ନଟ କରାଯାଇଛି ।

୨୦୦୨ ମସିହାର ଭୋଟର ତାଲିକାରେ ରହିଥିବା ପରିବାର ସଦସ୍ୟଙ୍କ ନାମ ସହିତ ଏହି ଭୋଟରଙ୍କ ନାମ ସଂଶ୍ଲିଷ୍ଟ ହୋଇପାରି ନ ଥିବା ଜଣାପଡ଼ିଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ କାର୍ଯ୍ୟାଳୟ, ଉପଖଣ୍ଡ କାର୍ଯ୍ୟାଳୟ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଏବଂ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଠାରେ ଏହି ଶୁଣାଣି କାର୍ଯ୍ୟ କରାଯିବ ।

କୋଲକାତାରେ ଦୁଇଟି ପର୍ଯ୍ୟାୟରେ ଏଥିପାଇଁ ୪ହଜାର ମାଇକ୍ରୋ ପର୍ଯ୍ୟବେକ୍ଷଙ୍କୁ ତାଲିମ୍ ପ୍ରଦାନ କରାଯିବ ବୋଲି କାର୍ଯ୍ୟାଳୟ କହିଛି । ଅନ୍ୟ ପକ୍ଷରେ ତୃଣମୂଳ କଂଗ୍ରେସ ସଭାପତି ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମାଇକ୍ରୋ ପର୍ଯ୍ୟବେକ୍ଷଙ୍କ ପାଖରେ ସ୍ଥାନୀୟ ବଙ୍ଗଳା ଭାଷାରେ ଜ୍ଞାନ ନ ଥିବା ନେଇ ଅଭିଯୋଗ କରିଛନ୍ତି ।

## ରବି କ୍ରପ୍ସ

ଚଳିତ ବର୍ଷ ଏ ପର୍ଯ୍ୟନ୍ତ ଦେଶରେ ୫୮୦ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ରବି ଫସଲ ବୁଣାଯାଇଛି । କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ କହିଛି, ଏହା ଗତ ବର୍ଷର ଏହି ସମୟ ତୁଳନାରେ ଫସଲ ପ୍ରାୟ ୮ ଲକ୍ଷ ହେକ୍ଟରରୁ ଅଧିକ ହୋଇଛି । ଗତ ୧୯ ତାରିଖ ସୁଦ୍ଧା ଦେଶରେ ରବି ଫସଲ ଅନ୍ତର୍ଗତ କ୍ଷେତ୍ର ଓ୍ୱାରୀ ଅଗ୍ରଗତି ସମ୍ପର୍କରେ ମନ୍ତ୍ରଣାଳୟ ଦେଇଥିବା ରିପୋର୍ଟ୍‌ରୁ ଏହା ଜଣାପଡ଼ିଛି । ୩୦୧ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ଗହମ ଚାଷ କରାଯାଇଥିବା ବେଳେ ପୂର୍ବ ବର୍ଷ ତୁଳନାରେ ଏହା ୧ ଲକ୍ଷ ହେକ୍ଟର ଅଧିକ । ପୂର୍ବ ବର୍ଷ ତୁଳନାରେ ୧୨୬ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ଡାଲି ଚାଷ ଏବଂ ୧୩ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ଧାନ ଚାଷ ହୋଇଥିବା ମନ୍ତ୍ରଣାଳୟ କହିଛି ।

## ଡୋନାଲ୍ଡ ଟ୍ରମ୍ପ୍

ଆମେରିକା ନୌସେନା ପାଇଁ ଅତ୍ୟାଧୁନିକ ତଥା ବୃହତ ଯୁଦ୍ଧ ଜାହାଜ ନିର୍ମାଣ କରିବାକୁ ସରକାର ଯୋଜନା ପ୍ରସ୍ତୁତ କରୁଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୂଚନା ଦେଇଛନ୍ତି । ଫ୍ଲୋରିଡ଼ାଠାରେ ଶ୍ରୀ ଟ୍ରମ୍ପ୍ କହିଛନ୍ତି, ଏହି ଜାହାଜ ଏ ପର୍ଯ୍ୟନ୍ତ ନିର୍ମିତ ହୋଇଥିବା ଯୁଦ୍ଧ ଜାହାଜ ଅପେକ୍ଷା ସବୁଠାରୁ ଅଧିକ ଗତିଶୀଳ, ବଡ଼ ଏବଂ ୧୦୦ ଗୁଣ ଅଧିକ ଶକ୍ତିଶାଳୀ ହେବ । ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟର ଆୟୋଓ୍ୱା ଶ୍ରେଣୀଭୁକ୍ତ ଯୁଦ୍ଧ ଜାହାଜ ଅପେକ୍ଷା ଏହା ଦୀର୍ଘ ହେବା ସହ ଏଥିରେ

ହାଇପରସୋନିକ୍ କ୍ଷେପଣାସ୍ତ୍ର ଏବଂ ଉଚ୍ଚଶକ୍ତିଶାଳୀ ଲେଜର ବ୍ୟବସ୍ଥା ରହିବ ବୋଲି ଶ୍ରୀ ଟ୍ରମ୍ପ୍ କହିଛନ୍ତି ।

ସୂଚନା ଯୋଗ୍ୟ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବ୍ୟବହୃତ ହୋଇଥିବା ଆଇୟୋୱା ଶ୍ରେଣୀର ଜାହାଜ ସବୁଠାରୁ ବଡ଼ ଏବଂ ୬୦ ହଜାର ଟନ୍ ଓଜନ ବିଶିଷ୍ଟ ଥିଲା । ବିମାନ ବାହକ, ଦୂରଗାମୀ କ୍ଷେପଣାସ୍ତ୍ର ଯୁଗରେ ଏହି ଯୁଦ୍ଧ ଜାହାଜର ବ୍ୟବହାର କ୍ରମଶଃ ହ୍ରାସ ପାଇଥିଲା । ଶ୍ରୀ ଟ୍ରମ୍ପ୍ କହିଛନ୍ତି, ନୂତନ ଯୁଦ୍ଧ ଜାହାଜର ଡିଜାଇନ୍ ପ୍ରସ୍ତୁତିକୁ ଆମେରିକା ନୌସେନା ଉପରେ ଅର୍ପଣ କରାଯାଇଛି ।

## ୱିମେନ୍ସ- କ୍ରିକେଟ

ଭାରତ-ଶ୍ରୀଲଙ୍କା ଦ୍ୱିତୀୟ ମହିଳା ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ ମ୍ୟାଚ୍ ଆଜି ବିଶାଖାପଟ୍ଟନମ୍‌ଠାରେ ଅନୁଷ୍ଠିତ ହେବ। ଏହି ମ୍ୟାଚ୍ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ। ବିଶାଖାପଟ୍ଟନମ୍‌ଠାରେ ଅନୁଷ୍ଠିତ ଏହି ୫ ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ' ଶ୍ରୀଲଙ୍କାକୁ ୮ ୱିକେଟ୍‌ରେ ପରାସ୍ତ କରି ବର୍ତ୍ତମାନ ୧-୦ରେ ସିରିଜ୍ ଅଗ୍ରଣୀ ରହିଛି।